# ଆଇଆଇପିଏମ୍‌ର ୨୫ ବର୍ଷ ପୂର୍ତ୍ତି

ଭୁବନେଶ୍ୱର,3-5-ଛାତ୍ରୀଛାତ୍ରମାନଙ୍କୁ ବୈଷୟିକ ତାଲିମ ପ୍ରଦାନ ନିମନ୍ତେ ଆଇସିଆଇସିଆଇ ବ୍ୟାଙ୍କ ଏବଂ ଏଲ ଆଣ୍ଡ ଟି ଦ୍ୱାରା ପ୍ରତିଷ୍ଠା ହୋଇଥିବା ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ପ୍ରଡକ୍ସନ ମ୍ୟାନେଜମେଣ୍ଟ (ଆଇଆଇପିଏମ୍) ରାଜ୍ୟରେ 25ବର୍ଷ ପୂରଣ କରିଛି । ରାଜ୍ୟର ରାଉରକେଲା ଉପକଣ୍ଠ କାଂଶବାହାଲଠାରେ ଅବସ୍ଥିତ ଏହି ଶିକ୍ଷାନୁଷ୍ଠାନ ପକ୍ଷରୁ ଏକବର୍ଷିଆ ପିଜି ଡିପ୍ଲୋମା ଇନ୍ ଇଞ୍ଜିନିୟରିଂ ମ୍ୟାନେଜମେଣ୍ଟ ଏବଂ ନିଟ୍, ରାଉରକେଲା ସହଯୋଗରେ ଛ'ମାସିଆ ଆଡଭାନ୍ସଡ ଡିପ୍ଲୋମା ଇନ୍ ମେଣ୍ଟେନାନ୍ସ ମ୍ୟାନେଜମେଣ୍ଟ ଆଣ୍ଡ କଣ୍ଡିଶନ ମନିଟରିଂ ପାଠ୍ୟକ୍ରମ ପ୍ରଦାନ କରାଯାଉଛି । ଏହାବ୍ୟତୀତ ଗତବର୍ଷଠାରୁ ଏଠାରେ ଏମ୍‌ବିଏ ପାଠ୍ୟକ୍ରମ ପ୍ରଦାନ କରାଯାଉଛି । ଆସନ୍ତାବର୍ଷଠାରୁ ଏହା ଏକ୍‌ଜିକ୍ୟୁଟିଭ ଏମ୍‌ବିଏ ପାଠ୍ୟକ୍ରମ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି । ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ କମ୍ପାନୀର ସହକାରୀ ନିର୍ଦ୍ଦେଶକ ମିହିର ରଞ୍ଜନ ମଲିକ କହିଲେ, ଦକ୍ଷ ମାନବ ସମ୍ବଳର ଅଭାବକୁ ଦୃଷ୍ଟିରେ ରଖି କମ୍ପାନୀ ତା'ର ସମାଜ ମଙ୍ଗଳ କାର୍ଯ୍ୟକ୍ରମ ଅଂଶ ସ୍ୱରୂପ ଏହି ଅନୁଷ୍ଠାନ ପ୍ରତିଷ୍ଠା କରିଛି । ଏଠାରେ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇ ଦେଶର ପ୍ରମୁଖ ସଂସ୍ଥାରେ ନିଯୁକ୍ତି ପ୍ରଦାନ କରାଯାଇଥାଏ ବୋଲି ସେ କହିଛନ୍ତି । ଏହି ଅବସରରେ ଅନୁଷ୍ଠାନର ଲୋକସମ୍ପର୍କ ଅଧିକାରୀ ଏସ୍.କେ. ଦାସ, ପ୍ରତୀଶ ଭାରତୀ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ ।